ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଜିଲ୍ଲାପାଳ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No. XXVIII-02/21- 1785 /LA (OTPC) dated. 23.2.2021

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ତହସିଲ ଅର୍ନ୍ତଗତ ଆଲୁଅଝରଣ, ଅର୍ଣ୍ଣପୂର୍ଣ୍ଣାପୁର ଖମାର (ଖ) , ଅଂଳାବେରେଣୀ, ଧୋବାବାହାଲି, କାଟେଣୀ, କଣ୍ଟାପାଳ ଓ କୁସୁମଯୋଡି ମୌଜାରେ ସରକାରଙ୍କ ସରକାରୀ ବ୍ୟୟ ରେ ୨୪୦୦+୮୦୦ ମେଗାୱାଟ ବିଶିଷ୍ଟ ଓଡିଶା ଥର୍ମାଲ୍ ପାୱାର କର୍ପୋରେସନ ଲିମିଟେଡ୍ (ଓ.ଟି.ପି.ସି.), ଭୁବନେଶ୍ୱର ଦ୍ୱାରା ଏକ ତାପଜ ବିଦ୍ୟୁତ ପ୍ଲାଣ୍ଟ ନିର୍ମାଣ ସକାଶେ ଅଂଳାବେରେଣୀ, ଅର୍ଣ୍ଣପୂର୍ଣ୍ଣାପୁର ଖମାର (ଖ), କଣ୍ଟାପାଳ, କାଟେଣୀ ଓ କୁସୁମଯୋଡି ମୌଜା ରୁ ସରକାରୀ ଗୋଚର ଜମି ପ୍ରତି ବଦଳ ପାଇଁ ଏକର ୧୩୬.୫୫୨ ଓ ଏକର ୧୨.୧୪୦ ଛାଡି ଦିଆଯାଇଥିବା ରୟତି ସତ୍ତ୍ୱ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି |

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି |

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ |

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା , ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନ ର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ |

ପ୍ରକଳ୍ପ ସମ୍ବନ୍ଧିୟ ବିବରଣୀ :-

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- ତାପଜ ବିଦ୍ୟୁତ ପ୍ଲାଣ୍ଟ ନିର୍ମାଣ ସକାଶେ

୨.ଜମି ଆବଶ୍ୟକ କରିଥିବା ସଂସ୍ଥାର ଅଧିକାରୀଙ୍କ ନାମ- ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ, ଓଡିଶା ଥର୍ମାଲ୍ ପାୱାର କର୍ପୋରେସନ ଲିମିଟେଡ୍ (ଓ.ଟି.ପି.ସି.), ଏନ/୩-ବି/୧୪, ଆଇ.ଆର୍.ସି. ଭିଲେଜ, ନୟାପାଲ୍ଲୀ, ଭୁବନେଶ୍ୱର-୭୫୧୦୧୫.

୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ପରିବାର ବିସ୍ଥାପନ ହେଉନାହାଁନ୍ତି |

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ ବିଭାଗ ଘୋଷଣାନାମା ଚିଠି ସଂଖ୍ୟା – ୧୭୯୩ ତା.୦୧.୦୬.୨୦୨୦ |

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ

୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | କାମାକ୍ଷାନଗର | ଅଂଳାବେରେଣୀ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୨୮.୧୨୦ | ୨୮.୦୦୦ | ଏଥିସହିତ ସଂଲଗ୍ନ |
| ଢେଙ୍କାନାଳ | କାମାକ୍ଷାନଗର | ଅର୍ଣ୍ଣପୂର୍ଣ୍ଣାପୁର ଖମାର (ଖ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧.୩୮୦ | ୧.୩୮୦ | ଏଥିସହିତ ସଂଲଗ୍ନ |
| ଢେଙ୍କାନାଳ | କାମାକ୍ଷାନଗର | କଣ୍ଟାପାଳ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୪୨୦ | ୦.୪୧୦ | ଏଥିସହିତ ସଂଲଗ୍ନ |
| ଢେଙ୍କାନାଳ | କାମାକ୍ଷାନଗର | କାଟେଣୀ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୯୮.୦୮୦ | ୯୭.୭୩୨ | ଏଥିସହିତ ସଂଲଗ୍ନ |
| ଢେଙ୍କାନାଳ | କାମାକ୍ଷାନଗର | କୁସୁମଯୋଡି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୨୧.୩୨୦ | ୨୧.୧୭୦ | ଏଥିସହିତ ସଂଲଗ୍ନ |
| | | | | | ମୋଟ | ୧୪୯.୩୨୦ | ୧୪୮.୬୯୨ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୧୩୬.୫୫୨ କର ସରକାରୀ ଗୋଚର ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, କାମାକ୍ଷାନଗରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ |

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ନେଣଦେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ |

ରାଜ୍ୟପାଳଙ୍କ ଆଦେଶକ୍ରମେ

19/2/2021

ଜିଲ୍ଲାପାଳ, ଢେଙ୍କାନାଳ

(Appropriate Government)

Memo No. 1785 dt: 23.2.2021

Copy along with the land schedule forwarded to the Director, Printing Stationery and Publication, Odisha, Cuttack with a request to publish the Notification along with the land schedule in the next issue of E.O.G. and supply 5 copies of them to Revenue & Disaster Management Department / Deptt. of Energy/ Secretary to R.D.C. (N.D), Sambalpur/ Chief Executive Officer, OTPC, N/3-B/14, IRC Village, Nayapally, Bhubaneswar-15.

23/2/2021

Collector, Dhenkanal

Memo No. 1786 dt: 23.2.2021

Copy along with the land schedule forwarded to the Director, Information & Public Relation, Odisha, Bhubaneswar with a request to take necessary steps for publication of the Notification in two local dailies of which at least one shall be in the regional language and two copies of the said publication may please be furnished to this office immediately.

23/2/2021

Collector, Dhenkanal

Memo No. 1787 dt: 23.2.2021

Copy forwarded to Tahasildar-cum-LAO, Kamakhyanagar for information and necessary action.

1. He should not take possession of the land under any circumstances before making payment of compensation to the land losers.
2. The substance of the Notification may be published in the locality immediately. Copies of such publication and the date of such publication may be intimated to this office forthwith for further course of action.
3. Publication in EOG / News Paper may be watched and reported to this office with details of such publication,

23/2/2021

Collector, Dhenkanal

Memo No. 1788 dt: 23.2.2021

Copy forwarded to the Revenue & Disaster Management Department / Deptt. of Energy (Administrative Deptt.)/ Secretary to RDC(ND), Samblapur/ Chief Executive Officer, OTPC, N/3-B/14, IRC Village, Nayapally, Bhubaneswar-15 for information and necessary action.

23/2/2021

Collector, Dhenkanal